# Akashvani, Sambalpur

## SAMBALPURI NEWS EVENING BULLETIN

## 8 June 2026-7.02- 7.12 pm.

---

୧- ମୟୁର୍‌ଭଞ୍ଜ୍ ଜିଲ୍ଲା ନ ୪ ଶହ ୩୦ କୋଟିନୁ ଅଏତ୍‌କା ଟଙ୍କାର୍ ୩୯ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା ଆଉ ଲୋକାର୍ପଣ୍ କଲେ ମୁଖ୍ୟମନ୍ତ୍ରୀ ।

୨- ବାହାର୍‌ଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-ଓଜେଇଇ ୨୦୨୬ର ପରୀକ୍ଷାଫଲ୍ ।

୩- ଶିକ୍ଷା ଆଉ ମନୋରଞ୍ଜନ୍‌ର ବେତାର୍‌ବାଣୀ - ଆକାଶ୍‌ବାଣୀ ଆଏଜ୍ ପୁରା କରିଛେ ୯୦ ବରସ୍ ।

ଆଉର୍

୪- ଦେଶର୍ ୧୨ ଟା ରାଜ୍ୟ ନ ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ- ଆଏବା ୪ ଦିନ୍ ଭିତ୍‌ରେ ପୁହୁଁଚିବା ଓଡ଼ିଶା ।

ମୁଖ୍ୟମନ୍ତ୍ରୀ- ବାରିପଦା ଗସ୍ତ           ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୟୁର୍ଭଞ୍ଜ୍ ଜିଲ୍ଲା ବାରିପଦା ଗସ୍ତ କରିକରି ୪ ଶହ ୩୦ କୋଟି ୬୨ ଲାଖ୍ ଟଙ୍କାର୍ ୩୯ ଟା ଉନ୍ନୟନ୍ମୂଲକ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା ଆଉ ଶୁଭାରମ୍ଭ କରିଛନ୍ । ମୟୁର୍ଭଞ୍ଜ୍ ନ ଥିବା ପଣ୍ଡିତ୍ ରଘୁନାଥ ମୁର୍ମୁ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ନ ନୂଆଁକରି ତିଆର୍ ହେଇଥିବା ୬ ଶହ ୫୦ ଶଯ୍ୟା ଥିବା ଡାକ୍ତର୍ଖାନାର୍ ଲୋକାର୍ପଣ୍ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ବାରିପଦା କଲେଜ୍ ପଡ଼ିଆ ନ ଗୁଟେ ଜନସମାବେଶ୍କେ ଭିଲ୍ ଉଦ୍ବୋଧନ୍ ଦେଇକରି ଜିଲ୍ଲାର୍ ଭିନ୍ ଭିନ୍ ପ୍ରକଳ୍ପର୍ ବିକାଶ୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି କହିଛନ୍ ।
(ଭଏସ୍ ଓଭର- ମୁଖ୍ୟମନ୍ତ୍ରୀ)

ରାଜ୍ୟ କେବିନେଟ୍          ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍ର ବୈଠକ୍ ଚାଲିଛେ । ବୈଠକ୍ଥି ଭିନ୍ ଭିନ୍

ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲ୍‌ବା ବଲି ଜନାପଡ଼ିଛେ । ବୈଠକ୍ ସର୍‌ବାର୍ ଉତ୍‌ରୁ ରାତି ୮ ବାଜିକରି ୪୫ ମିନିଟ୍‌ଥି ମୁଖ୍ୟ ଶାସନ୍ ସଚିବ ସାମ୍ବାଦିକ୍ ସମ୍ମିଲନୀଥି କେବିନେଟ୍ ବୈଠକ୍‌ର ନିଷ୍ପତି ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେବେ ।

ଓଜେଇଇ - ପରୀକ୍ଷାଫଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ୨୦୨୬ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ବୈଷୟିକ୍ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ବାଇଁ ପରୀକ୍ଷାଫଲ୍ ପୁସ୍ତିକାକେ ଉନ୍ମୋଚନ୍ କରିଛନ୍ । ଗଲା ମେ ୪ ନୁ ୧୦ ତାରିଖ୍‌ତକ୍ ହେଇଥିବା ପରୀକ୍ଷାଥି ମୋଟ୍ ୯୨ ହଜାର୍ ୬ ଶହ ୨୮ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପରୀକ୍ଷାର୍ଥୀମାନେ ojee.nic.in ୱେବ୍‌ସାଇଟ୍‌ଥି ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଇ ମାସ ୩ ନମ୍ବର୍ ହପ୍ତାନୁ କାଉନ୍‌ସେଲିଂ ମୁଲ୍ ହେବା ।

ପିଏମ୍ ଗରିବ୍ କଲ୍ୟାଣ୍ ଏନ୍‌ଏସ୍‌ଡି

ଦେଶେ ଗରିବ୍‌ମାନ୍‌କର୍ ଲାଗି ସର୍‌କାର୍‌ଙ୍କର୍ ୧୨ ବଛର୍ ବିକାଶ୍‌ମୂଲକ୍ ଯାତ୍ରା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମୋଦୀ କହିଛନ୍, ଭାରତ୍ ବହୁତ୍‌ଟେ ପରିବର୍ତନ୍ ଦେଖିଛେ ଆଉ ଇ ପରିବର୍ତନ୍‌ର ମୂଳ ହେଉଛେ ଗରିବ୍ କଲ୍ୟାଣ୍ ଆଉ ଦଲିତ୍‌ମାନ୍‌କର୍ ଉତ୍‌ଥାନ୍ । ସେ କହିଛନ୍, ସର୍‌କାର୍ ସବୁବେଲେ ଅନ୍ତ୍ୟୋଦୟ ଜରିଏ ଅନୁପ୍ରାଣିତ ହେଇଛନ୍ ଆଉ ବହୁତ୍ ବଛର୍ ହେଲା ଅବହେଲିତ୍ ଅବସ୍ଥାଥି ଥିବା ଲୁକ୍‌କର୍ ପାଖେ ପୁହୁଁଚିବାର୍ ଲାଗି ସର୍‌କାର୍ ଚେଷ୍ଟା କରିଛନ୍ । ଶ୍ରୀ ମୋଦୀ କହିଛନ୍, ଜନ୍‌ଧନ୍ ଯୋଜ୍‌ନାଥି ପ୍ରତ୍ୟକ୍ଷ ଲାଭ୍ ହସ୍ତାନ୍ତର୍ ଡିବିଟି, ସ୍ୱଚ୍ଛ ଭାରତ୍, ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଯୋଜ୍‌ନା, ଜଲ୍‌ଜୀବନ୍ ମିଶନ୍ ଆଉ ଆୟୁଷ୍ମାନ୍ ଭାରତ୍ ବାଗିର୍ ଯୋଜ୍‌ନା ଗରିବ୍ ଆଉ ଅବ୍‌ହେଲିତ୍ ଲୋକ୍‌ମାନ୍‌କୁ ସମ୍ମାନ୍‌ର ସହେତେ ବଂଚ୍‌ବାର୍ ଲାଗି ସୁଯୋଗ୍ ଦେସି । ଗରିବ୍ ମାନ୍‌କର୍ କଲ୍ୟାଣ୍ ଆଉ ସେମାନ୍‌କର୍ ଜୀବନ୍ ଧାରଣ୍‌ର ମାନ ସହଜ୍ ଆଉ ଉନ୍ନତ୍ କର୍‌ବାର୍ ଲାଗି ପ୍ରଯୁକ୍ତିବିଦ୍ୟାର୍ ବେଭାର୍ ବହୁତ୍ ବଡ୍ ଭୂମିକା ନେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ୟୁପିଏସ୍‌ସି ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ଲୋକ୍‌ସେବା ଆୟୋଗ୍- ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ଆଶାୟୀମାନ୍‌କର୍ ଲାଗି ମାହାଲିଆ କୋଚିଂ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍‌ଠାନୁ ସାମ୍ସ ପୋର୍ଟାଲ୍‌ଥି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ରାଜ୍ୟ ସର୍‌କାର୍ ୟୁପିଏସ୍‌ସି ପ୍ରଶାସନିକ୍ ସେବା ପରୀକ୍ଷାଥି ସଫଲତା ହାରକେ ବଢ଼ାବାର୍ ଲାଗି ୨ ଶହ ଝନ୍ ଆଶାୟୀଙ୍କୁ ମାହାଲିଆ କୋଚିଂ ସୁବିଧା ଯୁଗେଇ ଦେବେ । ଇଥିର୍‌ଲାଗି ଆଏବା ୨୮ ତାରିଖ୍ ଗୁଟେ ପ୍ରବେଶିକା ପରୀକ୍ଷା ହେବା । ଇଚ୍ଛୁକ୍ ଆଶାୟୀମାନ୍‌କୁ ଆଏଜ୍‌ଠାନୁ ଆଏବା ୧୯ ତାରିଖ୍ ଭିତ୍‌ରେ ଉଚ୍ଚଶିକ୍ଷା ବିଭାଗ୍‌ର ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କର୍‌ବାର୍‌କେ ହେବା । ପରୀକ୍ଷାର୍ଥୀମାନେ ସାମ୍ସ ପୋର୍ଟାଲ୍‌ନୁ ଏଡ୍‌ମିଟ୍‌କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ । ପ୍ରବେଶିକା ପରୀକ୍ଷାଥି ପାସ୍ କରିଥିବା ୨ ଶହ ଝନ୍ ଯୋଗ୍ୟ ପ୍ରାର୍ଥୀଙ୍କୁ ରେସିଡେନ୍ସିଆଲ୍ କୋଚିଂ ସୁବିଧା ଦିଆଯିବା ।

ଆଇ.ଆଇ.ଟି. ବୁଝାମଣା ପତ୍ର ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ମହିଳାମାନ୍‌କୁ ସଶକ୍ତ ଆଉ ସ୍ୱାବଲମ୍ବୀ କର୍‌ବାର୍ ସହେତେ ସେମାନ୍‌କର୍ ଦକ୍ଷତା ବଢ଼ାବାର୍ ଲାଗି ଓଡ଼ିଶା ଜୀବିକା ମିଶନ୍ ଆଉ ଭୁବ୍‌ନେଶ୍ୱର୍ ନ ଥିବା ଶିକ୍ଷାନୁଷ୍ଠାନ୍ ଆଇ.ଆଇ.ଟି. ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଉପସ୍ଥିତିଥି ଆଭାସୀ ଜରିଏ ଇ କାର୍ଯ୍ୟକ୍ରମ୍ ହେଇଥିଲା । ଷ୍ଟାଟ୍‌ଅପ୍ ଭିଲେଜ୍ ଏଂଟରପ୍ରିନର୍‌ସିପ୍ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଆଏବା ୩ ବଛ୍‌ରେ ଶହେ ୫୦ ଟା ଗ୍ରାମୀଣ୍ ଉଦ୍ୟୋଗ୍‌କେ ଇନ୍‌କ୍ୟୁବେସନ୍ ସାହାଜ୍ ମିଲ୍‌ବା । କେନ୍ଦ୍ର ସର୍‌କାର୍ ୧୦ କୋଟି ୭୦ ଲାଖ୍ ଟଙ୍କା ଅନୁମୋଦନ୍ କରିଥିବାର୍ ବେଲେ ପହେଲା ଖେପେ ଆଇଆଇଟିକେ ୯୯ ଲାଖ୍ ଟଙ୍କା ମଞ୍ଜୁରୀ ମିଲିଛେ । ଆଇଆଇଟିର୍ ବୈଷୟିକ୍ ପରାମର୍ଶଥି ଏସ୍‌ଏଚ୍‌ଜି ମହିଳାମାନ୍‌କର୍ ଉତ୍ପାଦ୍ ଅନ୍ତର୍ଜାତୀୟ ସ୍ତର୍ ନ ପୁହୁଁଚିବା ଆଉ ଇଟା ବିକଶିତ୍ ଓଡ଼ିଶା ଗଠନ୍‌ଥି ମାଇଲ୍‌ଖୁଂଟା ହେବା ଆଉ ମହିଳାମାନ୍‌କର୍ ଆତ୍ମବିଶ୍ୱାସ୍ ବଢ଼ାବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ନାଗରିକ୍ ସମ୍ପର୍କ, ଭାଗିଦାରୀ ଅଭିଯାନ  ଆଇ.ଆଣ୍ଡ୍.ପି.ଆର୍

ଆଏଜ୍‌ଠାନୁ ରାଜ୍ୟର୍ ସବୁ ପୌରାଂଚଲ୍ ନ ୧୩ ଦିନିଆ ନାଗରିକ୍ ସମ୍ପର୍କ ଆଉ ଭାଗିଦାରୀ ଅଭିଯାନ୍ ମୁଲ୍ ହେଇଛେ । ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ମୁଲ୍ ହେଇଥିବା ଇ ଅଭିଯାନ୍ ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା । ସହରୀ ଶାସନ୍‌କେ ଲୁକ୍‌କର୍ ପାଶେ ପୁହୁଁଚାବାର୍ ଆଉ ଜନଭାଗିଦାରୀକେ ବଢ଼ାବାର୍‌ଟା ଇ ଅଭିଯାନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ଶୋଭାଯାତ୍ରା, ୱାର୍ଡ଼ ମାନ୍‌କେ ବୈଠକ୍, ସ୍ୱଚ୍ଛତା ଅଭିଯାନ୍ ସହେତେ ନାଗରିକ୍ ସେବା ପ୍ରଦାନ୍ ଶିବିର୍‌ଥି ସମ୍ପତି କର, ଜଲ ସଂଯୋଗ୍, ଲାଇସେନ୍ସ, ଗୃହନକ୍ସା ଅନୁମୋଦନ୍ ବାଗିର୍ ସେବା ମିଲିପାର୍‌ବା । ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍, ମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱଥି ଜନକୈନ୍ଦ୍ରିକ୍ ସହର୍ ଗଠନ୍ ଲାଗି ଇଟା ଗୁଟେ ବହୁତ୍ ବଡ଼ ପଦକ୍ଷେପ୍ ଆଏ ।

ଆକାଶ୍‌ବାଣୀ ୯୦ ବଛର୍      ଆର୍‌ଏନ୍‌ୟୁ/ କଟକ୍

ଆକାଶ୍‌ବାଣୀ ଆଏଜ୍ ୯୦ ବଛ୍‌ରେ ପାହା ଥାପିଛେ । ୧୯୩୬ ମସିହାଥି ଆଝିର୍ ଦିନେ ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ଼୍‌କାଷ୍ଟିଂ ସର୍ଭିସ୍‌କେ ଅଲ୍‌ଇଣ୍ଡିଆ ରେଡ଼ିଓ ନାଁଥି ନାମିତ୍ କରାଯାଇଥିଲା । ସେହିଦିନ ଦେଶର୍ ସାଂସ୍କୃତିକ୍ ସୂଚନା ଆଉ ପ୍ରସାରଣ୍ ଇତିହାସ୍‌ଥି ଗୁଟେ ବୈପ୍ଲବିକ୍ ପରିବର୍ତନ୍ ହେଇଥିଲା । ସ୍ୱାଧୀନତା ଉତ୍‌ରୁ ଅଲ୍ ଇଣ୍ଡିଆ ରେଡ଼ିଓ ବହୁତ୍ ବିକାଶ୍ କରିଥିଲା । ତାର୍‌ପରେ ୧୯୫୬ ମସିହାଥି ଇତାକେ ଆକାଶ୍‌ବାଣୀ ନାଁଥି ନାମିତ୍ କରାଗଲା । ଇହାଦେ ସାରାଦେଶେ ଆକାଶ୍‌ବାଣୀର ୫ ଶହ ୯୧ ଟା କେନ୍ଦ୍ର ଜରିଏ ୯୮ ପ୍ରତିଶତ୍ ଲୁକ୍‌କର୍ ନିକେ ସୂଚନା ଆଉ ମନୋରଞ୍ଜନ୍ ଧର୍ମୀ କାର୍ଯ୍ୟକ୍ରମ୍ ପୁହୁଁଚାଯାଇପାରୁଛେ । ଭିନ୍ ଭିନ୍ ବୟସ୍ ବର୍ଗର୍ ଲୁକ୍‌କର୍ ଲାଗି ୨୩ ଟା ଭାଷା ଆଉ ଶହେ ୪୬ ଟା ଉପଭାଷାଥି କାର୍ଯ୍ୟକ୍ରମ୍ ପ୍ରସାରଣ୍ କରାଯାଉଛେ । ଆକାଶ୍‌ବାଣୀର୍ ବିଦେଶ୍ ସେବା ବିଭାଗ୍ ଶହେ ଟା ଦେଶ୍‌କେ ଇତାର୍ ପ୍ରସାରଣ୍ ଜାରି ରଖିଛେ । ବହୁଜନହିତାୟ, ବହୁଜନସୁଖାୟ ବାର୍ତା ନେଇକରି ଆକାଶ୍‌ବାଣୀ ସମ୍ବାଦ ସେବା ବିଭାଗ୍ ଦେଶର୍ ପ୍ରମୁଖ୍ ଭାଷା ଆଉ ଉପଭାଷାଥି ଅହରହ ସମ୍ବାଦ୍ ଆଉ ସୂଚନା ପ୍ରସାରଣ୍ କରିକରି ରେଡ଼ିଓ ପ୍ରସାରଣ୍‌ର ଗୁଣମାନ ରକ୍ଷା ଦିଗେ ମାଇଲ୍ ଖୁଂଟା ଥାପ୍‌ନା କରିପାରିଛେ ।

ବିଶ୍ୱ ମହାସାଗର୍ ଦିବସ        ଆର୍‌ଏନ୍‌ୟୁ / ସମ୍ବଲପୁର

‘ଆମେ ଜାନ୍‌ସୁ ପୁର୍‌ଥି ବାହାରେ ଆମର୍ ସମୁଦ୍ର ସାଙ୍ଗେ ଗୁଟେ ନୂଆଁ ସମ୍ପର୍କ’ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ମହାସାଗର୍ ଦିବସ । ପୁର୍‌ଥି ନ ଥିବା ୫ ଟା ମହାସାଗର୍ ୭୦ ପ୍ରତିଶତ୍‌ନୁ ଅଏତ୍‌କା ଇଲାକା ନ ଫଇଲିଛେ । ମହାସାଗର୍ ଆମର୍ ଗ୍ରହର୍ ଲାଗି ୫୦ ପ୍ରତିଶତ୍ ଅମ୍ଳଜାନ୍ ତିଆର୍ କର୍‌ସି ଆର୍ ମହାସାଗର୍ ଜୈବ ବିବିଧତାର ଭିଲ୍ କେନ୍ଦ୍ରସ୍ଥଲୀ ଆଏ । ପୁର୍‌ଥିର୍ ଶହେ କୋଟିନୁ ଅଏତ୍‌କା ଲୋକ୍ ପ୍ରୋଟିନ୍ ଲାଗି ମହାସାଗର୍ ଉପ୍‌ରେ ନିର୍ଭର୍ କର୍‌ସନ୍ । ହେଲେ ଭିନ୍ ଭିନ୍ କାରଣ୍‌ନୁ ମହାସାଗର୍ ମାନ୍‌କର୍ ନୁକ୍‌ସାନ୍ ହେଉଛେ । ସେଥିର୍‌ଲାଗି ମହାସାଗର୍‌ମାନ୍‌କର୍ ସାଙ୍ଗେ ମୁନୁଷ୍ ମାନ୍‌କର୍ ସନ୍ତୁଲନ୍ ବନାବାର୍‌କେ ବିଶ୍ୱ ମହାସାଗର୍ ଦିବସ୍ ପାଲନ୍ କରାଯାଉଛେ ।

ବିଶ୍ୱ ମହାସାଗର୍ ଦିବସ୍ ଅବ୍‌ସରେ ସମୁଦ୍ରକେ ସଫା ଆଉ ସୁରକ୍ଷିତ୍ ରଖିବାର୍ ଲାଗି ସଂକଳ୍ପବଦ୍ଧ ହେବାର୍ ଆଉ ଅମୂଲ୍ୟ ପ୍ରାକୃତିକ୍ ସମ୍ପଦ୍‌କେ ଆଏବା ପିଢ଼ିର୍ ଲାଗି ସଂରକ୍ଷିତ୍ ରଖିବାର୍‌ଥି ନିଜର୍

ଦାୟିତ୍ୱ ପାଲନ୍ କର୍‌ବାର୍ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ଅଭିଯୋଗ୍ ଶୁଣାଣି ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ କାର୍ଯ୍ୟାଲୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୮୦ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୪୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ହେଇଛେ ।

କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ବ୍ଲକ୍ କାର୍ଯ୍ୟାଲୟ ନ ହେଇଥିବା ଶିବିର୍‌ଥି ୩୦ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୮ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ଅମ୍ଭୋଭୋନା ପଂଚାୟତ୍ ସମିତି କାର୍ଯ୍ୟାଲୟ ନ ହେଇଥିବା ଶିବିର୍‌ଥି ଶହେ ୧୯ ଟା ଅଭିଯୋଗ୍ ଆସିଥିଲା ।

ସେଥିର୍‌ଭିତ୍‌ରୁ ୧୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍‌ କରାଯାଇଥିଲା ।

ସୁବର୍ଣ୍ଣପୁର୍‌ ଜିଲ୍ଲା ସୋନ୍‌ପୁର୍‌ ବ୍ଲକ୍‌ର ରିଷିମୁଣ୍ଡା ଗ୍ରାମ୍‌ପଂଚାୟତ୍‌ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୨୭ ଟା ଅଭିଯୋଗ୍‌ ଆସିଥିଲା ।

ନୂଆପଡ଼ା ଜିଲ୍ଲା ସଦର୍‌ ମହକୁମା ସଦ୍‌ଭାବନା ସଭାଗୃହ ନ ହେଇଥିବା ଶୁଣାଣି ଶିବିର୍‌ଥି ଆସିଥିବା ଅଭିଯୋଗ୍‌ ମାନ୍‌କର୍‌ ତୁର୍‌ତି ସମାଧାନ୍‌ ଲାଗି ଜିଲ୍ଲାପାଲ୍‌ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍‌ ଦେଇଛନ୍‌ ।

ଶିବିର୍‌ ମାନ୍‌କେ ଜିଲ୍ଲାପାଲ୍‌ ଆର୍‌ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍‌ ମାନ୍‌କୁ ଗ୍ରହଣ୍‌ କରିକରି ତୁର୍‌ତି ସମାଧାନ୍‌ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍‌ ଦେଇଛନ୍‌ ।

ଦିଗ୍‌ଦର୍ଶନ୍‌ କର୍ମଶାଳା ଆଇ.ଆଣ୍ଡ୍‌.ପି.ଆର୍‌

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ ଅନ୍ତର୍ଗତ୍‌ ଉଚ୍ଚମାଧ୍ୟମିକ୍‌ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ୍‌ଥି ଥିବା ସର୍‌କାରୀ ଉଚ୍ଚ ମାଧ୍ୟମିକ୍‌

ବିଦ୍ୟାଳୟ ଆଉ ସର୍କାରୀ ଉନ୍ନୀତ ଉଚ୍ଚ ମାଧମିକ୍ ବିଦ୍ୟାଳୟ ନ ନିଯୁକ୍ତି ପାଇଥିବା ଶହେ ୨୦ ଝନ୍ ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀଙ୍କର୍ ଲାଗି ଗୁଟେ ଦିଗ୍ଦର୍ଶନ୍ କର୍ମଶାଳା ଆୟୋଜନ୍ କରାଯାଇଛେ । ସିରିପୁର୍ ନ ଥିବା ଇମେଜ୍ ଠାନେ ଆଏଜ୍ଠାନୁ ଇ କର୍ମଶାଳା ମୁଲ୍ ହେଇଛେ । କର୍ମଶାଳା ୨ ଟା ଖେପେ ଜୁନ୍ ୮ ନୁ ୧୨ ଆଉ ଜୁନ୍ ୧୬ ନୁ ୨୦ ତାରିଖ୍ତକ୍ ହେବା ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଇହାଦେ ଦେଶର୍ ୧୨ ଟା ରାଜ୍ୟ ନ ପୁହୁଁଚିଛେ । ତ୍ରିପୁରା, ନାଗାଲାଣ୍ଡ, ଆସାମ୍ ଆଉ ଅରୁଣାଚଲ୍ ପ୍ରଦେଶ୍ ନ ମୌସୁମୀ ବାୟୁ ଗଲାକାଏଲ୍ ପୁହୁଁଚିଛେ । ଗୁଜୁରାଟ୍ ଛଡ଼ା ଦେଶର୍ ଅଲ୍ଗା ରାଏଜେ ପ୍ରାକ୍ ମୌସୁମୀ ବର୍ଷା ଦେଖିବାର୍କେ ମିଲିଛେ । ସେଆଡ଼େ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୪ ଦିନ୍ ଭିତ୍ରେ ରାଜ୍ୟର୍ କିଛିଟା ଇଲାକା ନ ପୁହୁଁଚିବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ ।

ଇତାର୍‌ସହେତେ କାଲ୍‌ବୈଶାଖୀର୍ ସମ୍ଭାବନାକେ ନଜର୍‌ଥି ରଖିକରି ବୌଦ୍ଧ ସହେତେ ୧୪ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।